# NATIONAL NEWS BULLETIN (ODIA)

**11 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଆଗାମୀ ଦିନରେ ଓଡ଼ିଶାର କୃଷକ, ଯୁବକ ଏବଂ ମହିଳାମାନଙ୍କ ଉନ୍ନତି ଦିଗରେ ବିଜେପି ସରକାର କାର୍ଯ୍ୟ କରିବ ।

- ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଏବଂ ଦେଶର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ଶେଷ ହେବ ପ୍ରଚାର ।

- ବାକ୍ ସ୍ୱାଧୀନତାର ଅର୍ଥ ବିଚ୍ଛିନ୍ନତାବାଦକୁ ସମର୍ଥନ କରିବାର ସ୍ୱାଧୀନତା ନୁହେଁ – କହିଲେ ବୈଦେଶିକମନ୍ତ୍ରୀ ।

- ଜାତିସଂଘରେ ପାଲେଷ୍ଟାଇନ୍‌ର ପୂର୍ଣ୍ଣକାଳୀନ ସଦସ୍ୟତାକୁ ଭାରତର ସମର୍ଥନ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁହାଁମୁହିଁ ହେବେ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ।

# ପିଏମ୍

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ କହିଛନ୍ତି  ଜୁନ୍ ୪ ତାରିଖରେ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ କଂଗ୍ରେସ ଲୋକସଭାରେ ଏକ ସ୍ୱୀକୃତିପ୍ରାପ୍ତ ବିରୋଧୀ ଦଳ ହୋଇ ରହିବ ନାହିଁ। ଆଜି ସକାଳେ ଓଡ଼ିଶାର କନ୍ଧମାଳ ଜିଲ୍ଲା ଫୁଲବାଣୀରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ଯେ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ  ଚଳିତ ନିର୍ବାଚନରେ ୪୦୦ରୁ ଅଧିକ ଲୋକସଭା ଆସନ ଜିତିବ ଏବଂ କଂଗ୍ରେସ ଦଳ ୫୦ରୁ କମ୍ ଆସନ ଜିତିବାରେ ସକ୍ଷମ ହେବ। କଂଗ୍ରେସର ଦୁର୍ବଳ ମାନସିକତା ଯୋଗୁଁ ଜମ୍ମୁ-କଶ୍ମୀରବାସୀ ଦଶନ୍ଧି ଧରି ସଂଘର୍ଷ କରିଛନ୍ତି। ସେ କହିଛନ୍ତି, ଭାରତ କେବେ ବି ସେହି ସମୟକୁ ଭୁଲିବ ନାହିଁ ଯେତେବେଳେ ଦେଶରେ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ହେଉଥିଲା ଏବଂ କଂଗ୍ରେସ ନେତାମାନେ ଆତଙ୍କବାଦର ଦୋଷୀଙ୍କ ସହ  ହାତ ମିଳାଇଥିଲେ । ୨୬/୧୧ ଆକ୍ରମଣ ପରେ କଂଗ୍ରେସ ନିଜର ଭୋଟ୍ ବ୍ୟାଙ୍କକୁ ଖରାପ କରିବା ଭୟରେ ଏହି ଆକ୍ରମଣ ର କୌଣସି ତଦନ୍ତ କରିନଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି। ପରମାଣୁ ବୋମା ରଖିବା ପାଇଁ ଦେଶବାସୀଙ୍କୁ ପାକିସ୍ତାନକୁ ଭୟଭୀତ କରିଥିବାରୁ କଂଗ୍ରେସକୁ ଟାର୍ଗେଟ କରି ଶ୍ରୀ ମୋଦୀ କହିଛନ୍ତି ଯେ ପାକିସ୍ତାନର ଅର୍ଥନୈତିକ ସ୍ଥିତି ଏପରି ଯେ ବିପଜ୍ଜନକ ପରିସ୍ଥିତିରୁ ବାହାରିବା ପାଇଁ ଅନ୍ୟ ଦେଶକୁ ପରମାଣୁ ବୋମା ବିକ୍ରି କରିବାକୁ ଚେଷ୍ଟା କରୁଛି। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଚାବି

ହଜିବା ଘଟଣାକୁ ନେଇ ଶ୍ରୀ ମୋଦୀ ରାଜ୍ୟ  ସରକାରଙ୍କୁ ସମାଲୋଚନା କରିଛନ୍ତି । ଓଡ଼ିଶାରେ ବିଜେପି ସରକାର ଗଠନ ହେଲେ ରତ୍ନଭଣ୍ଡାରର ପବିତ୍ରତା ପ୍ରତିଷ୍ଠା ହେବ ବୋଲି ସେ କହିଛନ୍ତି।

ପରେ ଶ୍ରୀ ମୋଦୀ ବଲାଙ୍ଗୀରରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ କହିଛନ୍ତି। ସେ କହିଛନ୍ତି ଆଗାମୀ ଦିନରେ ଓଡ଼ିଶାର କୃଷକ, ଯୁବକ ଏବଂ ମହିଳାମାନଙ୍କ  ଉନ୍ନତି ଦିଗରେ ବିଜେପି ସରକାର କାର୍ଯ୍ୟ କରିବ । ସେ କହିଛନ୍ତି:

V/O

ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ଆଜି ଅପରାହ୍ନରେ ବରଗଡ଼ ସଂସଦୀୟ କ୍ଷେତ୍ରରେ ଏକ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଏବଂ ଦେଶର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏଥିରେ ୪ଟି ଲୋକସଭା ଆସନ - କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସମେତ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ନିମନ୍ତେ ଆସନ୍ତା ସୋମବାର ଦିନ ଭୋଟଗ୍ରହଣ ହେବ । ଏହି ପର୍ଯ୍ୟାୟରେ ୭ ହଜାର ୨ ଶହ ଅଣାନବେଟି ବୁଥ୍‌ରେ ୬୨ ଲକ୍ଷ ୮୭ ହଜାର ୨୨୨ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ।

ଆମ ନବରଙ୍ଗପୁର ସମ୍ବାଦଦାତା ଜଣାଇଛନ୍ତି ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବୁଥ୍‌କୁ ପୋଲିଂ କର୍ମଚାରୀମାନେ ଯାଉଛନ୍ତି ।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହୋଇଛି । ଏଥିରେ ଓଡ଼ିଶାର ୫ଟି ଲୋକସଭା ଆସନପାଇଁ ୪୦ ଜଣ ପ୍ରାର୍ଥୀ ରହିଥିବାବେଳେ ୩୫ଟି ବିଧାନସଭା ଆସନ ପାଇଁ ୨୬୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ।

## ତେଲଙ୍ଗାନା ଇଲେକ୍ସନ

ତେଲେଙ୍ଗାନାରେ ଆଜି ସନ୍ଧ୍ୟା ସୁଦ୍ଧା ଲୋକସଭା ନିର୍ବାଚନ ପାଇଁ ପ୍ରଚାର ଶେଷ ହେବ । ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ରାଜ୍ୟ ନିର୍ବାଚନ ଅଧିକାରୀମାନେ ପ୍ରୟାସ ଜୋରଦାର କରିଛନ୍ତି। ରାଜନୈତିକ ଦଳଗୁଡ଼ିକର ଅନୁରୋଧ ପରେ ନିର୍ବାଚନ ଆୟୋଗ ୧୭ଟି ଲୋକସଭା ଆସନ ଅଧୀନରେ ଆସୁଥିବା ୧୧୯ଟି ବିଧାନସଭା ଆସନ ମଧ୍ୟରୁ ଅଧିକାଂଶରେ ମତଦାନ ସମୟକୁ ଏକ ଘଣ୍ଟା ବୃଦ୍ଧି କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ବିକାଶ ରାଜ ବରିଷ୍ଠ ଅଧିକାରୀଙ୍କ ସହ ବ୍ୟବସ୍ଥାର ସମୀକ୍ଷା କରି ମତଦାନ ପାଇଁ ବାକି ଥିବା ଶେଷ ୭୨ ଘଣ୍ଟା ମଧ୍ୟରେ ଭୋଟରଙ୍କୁ ସମସ୍ତ ପ୍ରକାର ପ୍ରଲୋଭନ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଏମ୍‌ପି-ଇଲେକ୍ସନ

ମଧ୍ୟପ୍ରଦେଶ ଲୋକସଭା ନିର୍ବାଚନର ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟରେ ସୋମବାର ୮ଟି ଲୋକସଭା ସଂସଦୀୟ କ୍ଷେତ୍ରରେ ମତଦାନ ହେବ। ଆଜି ସନ୍ଧ୍ୟା ୬ଟାରେ ଏହି ସବୁ ନିର୍ବାଚନ ମଣ୍ଡଳୀରେ ପ୍ରଚାର ଶେଷ ହେବ।

ଆମ ସମ୍ବାଦଦାତା ଜଣାଇଛନ୍ତି ଯେ ମଧ୍ୟପ୍ରଦେଶର ଏହି ପର୍ଯ୍ୟାୟରେ ମେ ୧୩ ତାରିଖରେ ୮ଟି ଲୋକସଭା ସଂସଦୀୟ କ୍ଷେତ୍ର – ଦେବାସ, ଉଜ୍ଜୈନ, ମନ୍ଦସୌର, ରତଲାମ, ଧାର, ଇନ୍ଦୋର, ଖାରଗୋନ ଏବଂ ଖଣ୍ଡଓ୍ୱାରେ ମତଦାନ ହେବ। ଚତୁର୍ଥ ପର୍ଯ୍ୟାୟରେ ମଧ୍ୟପ୍ରଦେଶର ମାଲଓ୍ୱା ନିମାର ଅଞ୍ଚଳରେ ପ୍ରଚାର ଜୋରସୋରରେ ଚାଲିଛି।

ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ରତଲାମ ଓ ଇନ୍ଦୋରରେ, ରାଜ୍ୟ ବିଜେପି ସଭାପତି ଭିଡି ଶର୍ମା ଦେବାସରେ ଏବଂ ଧାର ଓ ଉଜ୍ଜୈନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ପ୍ରଚାର କରୁଛନ୍ତି । ବରିଷ୍ଠ ନେତା ଦିଗବିଜୟ ସିଂହ, ସଞ୍ଜୟ କପୁର, ପ୍ରଦେଶ କଂଗ୍ରେସ ସଭାପତି ଜିତୁ ପାଟଓ୍ୱାରୀ ଏବଂ ଅନ୍ୟ ଦଳୀୟ ନେତାମାନେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାରର ନେତୃତ୍ୱ ନେଉଛନ୍ତି ।

## ଜାତିସଂଘ-ପାଲେଷ୍ଟାଇନ୍

ମିଳିତ ଜାତିସଂଘର ପୂର୍ଣ୍ଣକାଳୀନ ସଦସ୍ୟ ହେବା ପାଇଁ ପାଲେଷ୍ଟାଇନର ପ୍ରୟାସକୁ ସମର୍ଥନ କରି ଭାରତ ଜାତିସଂଘ ସାଧାରଣ ପରିଷଦର ଏକ ଚିଠା ପ୍ରସ୍ତାବ ସପକ୍ଷରେ ଭୋଟ୍ ଦେଇଛି। ୧୯୩ ସଦସ୍ୟ ବିଶିଷ୍ଟ ସାଧାରଣ ସଭାରେ ଗତକାଲି ଏକ ଜରୁରୀକାଳୀନ ସ୍ୱତନ୍ତ୍ର

ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଜାତିସଂଘରେ ପାଲେଷ୍ଟାଇନର ପୂର୍ଣ୍ଣ ସଦସ୍ୟତା ସପକ୍ଷରେ ଆରବ ଗ୍ରୁପ୍‌ର ପ୍ରସ୍ତାବକୁ ସଂଯୁକ୍ତ ଆରବ ଏମିରେଟ୍ସ ଉପସ୍ଥାପନ କରିଥିଲା । ପାଲେଷ୍ଟାଇନ ଯୋଗ୍ୟ ଏବଂ ଏହାକୁ ଜାତିସଂଘର ପୂର୍ଣ୍ଣ ସଦସ୍ୟ ଭାବରେ ଗ୍ରହଣ କରାଯିବା ଉଚିତ ଓ ସୁରକ୍ଷା ପରିଷଦ ଏହି ପ୍ରସଙ୍ଗରେ ସକାରାତ୍ମକ ଭାବରେ ପୁନର୍ବିଚାର କରିବାକୁ ପ୍ରସ୍ତାବରେ ସୁପାରିସ କରାଯାଇଛି। ଏହି ସଂକଳ୍ପ ସପକ୍ଷରେ ୧୪୩ଟି ଭୋଟ୍ ମିଳିଥିଲା। ବର୍ତ୍ତମାନ ପାଲେଷ୍ଟାଇନ ଜାତିସଂଘରେ ଏକ ଅଣ-ସଦସ୍ୟ ପର୍ଯ୍ୟବେକ୍ଷକ ରାଷ୍ଟ୍ର ଭାବେ ରହିଛି। ୨୦୧୨ ରେ ସାଧାରଣ ସଭା ଦ୍ୱାରା ପାଲେଷ୍ଟାଇନକୁ ଏହି ମାନ୍ୟତା ପ୍ରଦାନ କରାଯାଇଥିଲା ।

୧୯୭୪ ମସିହାରେ ପାଲେଷ୍ଟାଇନ୍ ଲିବରେସନ୍ ଅର୍ଗାନାଇଜେସନସ୍ ପାଲେଷ୍ଟାଇନ୍ ଜନସାଧାରଣଙ୍କ ଏକମାତ୍ର ଏବଂ ବୈଧ ପ୍ରତିନିଧି ଭାବେ ସ୍ୱୀକୃତି ଦେବାରେ ଭାରତ ପ୍ରଥମ ଅଣ ଆରବ ରାଷ୍ଟ୍ର ଥିଲା। ୧୯୮୮ ଓ ୧୯୯୬ମସିହାରେ ପାଲେଷ୍ଟାଇନ୍ ରାଜ୍ୟକୁ ସ୍ୱୀକୃତି ଦେବାରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

## ଚିନ୍ତନ-୨

ସଶସ୍ତ୍ର ବାହିନୀର ଏକତା ଓ ସମନ୍ୱୟ ପାଇଁ ଦୁଇ ଦିନିଆ ପରିବର୍ତ୍ତନ ଓ ଚିନ୍ତନ ସମ୍ମିଳନୀ ଗତକାଲି ନୂଆଦିଲ୍ଲୀରେ ଶେଷ ହୋଇଛି। ଏଥିରେ ଅଧ୍ୟକ୍ଷତା କରି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ଏହି ପଦକ୍ଷେପଗୁଡ଼ିକର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜେନେରାଲ୍ ଚୌହାନ କହିଥିଲେ ଯେ ଏଭଳି

ବିଚାରବିମର୍ଶ ସଶସ୍ତ୍ର ବାହିନୀକୁ ମଲ୍ଟି-ଡୋମେନ୍ ଅପରେସନ୍ ରେ ସହାୟତା କରିବ ଏବଂ ଆମର ଆଞ୍ଚଳିକ ଅଖଣ୍ଡତା ଓ ଦେଶର ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବ ।

ଏହି କାର୍ଯ୍ୟକ୍ରମରେ ତିନି ସେନା ମୁଖ୍ୟାଳୟ, ସାମରିକ ବ୍ୟାପାର ବିଭାଗ, ମୁଖ୍ୟାଳୟ ସମନ୍ୱିତ ପ୍ରତିରକ୍ଷା କର୍ମଚାରୀ ଏବଂ ଚିଫ୍ ଅଫ୍ ଷ୍ଟାଫ୍ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର କହିଛନ୍ତି ଯେ ବାକ୍ ସ୍ୱାଧୀନତାର ଅର୍ଥ ବିଚ୍ଛିନ୍ନତାବାଦକୁ ସମର୍ଥନ କରିବାର ସ୍ୱାଧୀନତା ନୁହେଁ । କାନାଡାରେ ବିଚ୍ଛିନ୍ନତାବାଦୀ ଘଟଣା ସମ୍ପର୍କରେ ସେ କହିଛନ୍ତି ଯେ ବିଚ୍ଛିନ୍ନତାବାଦୀ ଏବଂ ଉଗ୍ରବାଦୀ ଶକ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଖୋଲାଖୋଲି ହିଂସାକୁ ସମର୍ଥନ କରନ୍ତି, ସେମାନଙ୍କୁ କାନାଡା ରାଜନୀତିରେ ରାଜନୈତିକ ସ୍ଥାନ ଦିଆଯାଇଛି ।

ଗତକାଲି ଏକ ସମ୍ବାଦ ସଂସ୍ଥାକୁ ସାକ୍ଷାତକାର ଦେଇ ଡ. ଜୟଶଙ୍କର କହିଛନ୍ତି, କାନାଡା ରାଜନୀତିରେ ଆଜି ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ଏଭଳି ବିଚ୍ଛିନ୍ନତାବାଦ ଓ ଉଗ୍ରବାଦକୁ ସମର୍ଥନ କରୁଛନ୍ତି । ସେ କହିଛନ୍ତି ଯେ ଭାରତ ଯେତେବେଳେ ବି କାନାଡା ସହିତ ଏହି ପ୍ରସଙ୍ଗ ଉଠାଇଥାଏ, ସେମାନେ ବାକ୍ ସ୍ୱାଧୀନତାକୁ ଏକ ବାହାନା ଭାବରେ ବ୍ୟବହାର କରନ୍ତି । ଭାରତ-ଚୀନ୍ ସମ୍ପର୍କ କୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ଦେଶ ନିଜ ପଡ଼ୋଶୀ ଦେଶ ସହ ଉତ୍ତମ ସମ୍ପର୍କ ଚାହୁଁଛନ୍ତି, କିନ୍ତୁ ଆଜି ଚୀନ୍ ସହ ଆମର ସମ୍ପର୍କ ସ୍ୱାଭାବିକ ନୁହେଁ

କାରଣ ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବାଧାପ୍ରାପ୍ତ ହୋଇଛି। ସେ କହିଛନ୍ତି, ଭାରତ' ଚୀନ୍ ପକ୍ଷ ସହ ଏ ନେଇ ଆଲୋଚନା ଜାରି ରଖିଛି। ସମ୍ପର୍କ ସ୍ୱାଭାବିକ ହେବାକୁ ହେଲେ ଉଭୟ ଦେଶ ବିବାଦୀୟ ପ୍ରସଙ୍ଗର ସମାଧାନ କରିବା ଆବଶ୍ୟକ ବୋଲି ସେ ମତ ବ୍ୟକ୍ତ କରିଥିଲେ।

# ରାହୁଲ ଗାନ୍ଧି

କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି ଆନ୍ଧ୍ରପ୍ରଦେଶର କଡପାଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି। ରାଜ୍ୟ କଂଗ୍ରେସ ଅଧ୍ୟକ୍ଷା ୱାଇଏସ ଶର୍ମିଳା ରେଡ୍ଡୀ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ଭାରତୀୟ ଜନତା ପାର୍ଟି ସଭାପତି ଜେପି ନଡ୍ଡା ଆଜି ଆଡୋନି ପୌର ପଡ଼ିଆରେ ପ୍ରଚାର କରିବେ। ତିରୁପତିରୁ ଏନଡିଏ ପ୍ରାର୍ଥୀ ଶ୍ରୀ ବର ପ୍ରସାଦଙ୍କ ସମର୍ଥନରେ ସେ ରୋଡ୍ ସୋ କରିବେ। ବିଜେପି, ତେଲୁଗୁ ଦେଶମ ପାର୍ଟି ଏବଂ ଜନସେନା ପାର୍ଟି ଏନଡିଏ ମେଣ୍ଟରେ ସାମିଲ ଅଛନ୍ତି ।

ଆନ୍ଧ୍ରପ୍ରଦେଶରେ ମେ ୧୩ରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ।

# ଜାଭେଲିନ୍

ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଦୋହା ଡାଇମଣ୍ଡ ଲିଗ୍ ରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଚୋପ୍ରା ଜାଭେଲିନକୁ ୮୮.୩/୬ ମିଟର ଦୂର ଫିଙ୍ଗିଥିଲେ ମଧ୍ୟ ମାତ୍ର ଦୁଇ ସେଣ୍ଟିମିଟର ବ୍ୟବଧାନରେ ଶୀର୍ଷ ସ୍ଥାନରୁ ବଞ୍ଚିତ ହୋଇଥିଲେ। ଜାକବ ଭାଡଲେଜ୍ ପ୍ରଥମ ସ୍ଥାନରେ ରହିଥିଲେ।

ଏସୀୟ କ୍ରୀଡ଼ା ପଦକ ବିଜେତା କିଶୋର ଜେନା ଛଅସ୍ତରୀ ଦଶମିକ ୩/ ୧ ମିଟର ଥ୍ରୋ କରି ନବମ ସ୍ଥାନରେ ରହିଛନ୍ତି।

## ସୌର ଝଡ଼

ଗତକାଲି ରାତିରେ ଏକ ଅସାଧାରଣ ଏବଂ ଶକ୍ତିଶାଳୀ ସୌର ଝଡ଼ ଯୋଗୁଁ ଅଷ୍ଟ୍ରେଲିଆରୁ ବ୍ରିଟେନ ପର୍ଯ୍ୟନ୍ତ ବଜ୍ରପାତ ହୋଇଥିଲା। ଅକ୍ଟୋବର ୨୦୦୩ର ହାଲୋୱିନ୍ ବାତ୍ୟା ପରେ ଏହା ସବୁଠାରୁ ଶକ୍ତିଶାଳୀ ବାତ୍ୟା ବୋଲି ବିବେଚନା କରାଯାଉଛି । ସୂର୍ଯ୍ୟଙ୍କ ବାହ୍ୟ ଚୁମ୍ବକୀୟ କ୍ଷେତ୍ର ଓ ପ୍ଲାଜମା ଅଧିକ ମାତ୍ରାରେ ବାହାରୁଥିବା ବେଳେ ଏଭଳି ପରିସ୍ଥିତି ଉପୁଜିଥାଏ। ଅନେକ ସ୍ଥାନରେ ଯୋଗାଯୋଗ ନେଟୱାର୍କ, ଉପଗ୍ରହ ଏବଂ ପାୱାର ପ୍ଲାଣ୍ଟ କାର୍ଯ୍ୟ ପ୍ରଭାବିତ ହୋଇଛି। ଆଗାମୀ ଦିନରେ ଏଭଳି ସ୍ଥିତି ଆହୁରି ଉପୁଜିପାରେ ବୋଲି ଆମେରିକା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ଆତଙ୍କବାଦୀ

ଦକ୍ଷିଣ କଶ୍ମୀରର ସୋପିଆନ୍ ରେ ଆଜି ସେନା ସହ ମିଳିତ ଅପରେସନ୍ କରି ପୁଲିସ ଦୁଇ ଜଣ ଆତଙ୍କବାଦୀ ସହଯୋଗୀଙ୍କୁ ଗିରଫ କରିଛି। ପୁଲିସ ସେମାନଙ୍କ ଠାରୁ ଆପତ୍ତିଜନକ ସାମଗ୍ରୀ ମଧ୍ୟ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ୍ ତଦନ୍ତ ଆରମ୍ଭ କରିଛି ।

## କୁସ୍ତି

ନିଶା ଦହିଆ ପଞ୍ଚମ କୁସ୍ତିଯୋଦ୍ଧା ଭାବେ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଇସ୍ତାନବୁଲରେ ଅନୁଷ୍ଠିତ ବିଶ୍ୱ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ନିଶା ୬୮ କେଜି ଓଜନ ବର୍ଗର ସେମିଫାଇନାଲରେ ରୋମାନିଆର ଆଲେକ୍‌ଜାଣ୍ଡ୍ରା ଆଞ୍ଜେଲଙ୍କୁ ପରାସ୍ତ କରିଥିଲେ। ସେ ଏସିଆନ୍ ଚାମ୍ପିୟନଶିପ୍ ରେ ରୌପ୍ୟ ପଦକ ବିଜେତା ମଧ୍ୟ ହୋଇଛନ୍ତି।

ପ୍ରଥମ ଥର ପାଇଁ ଅଲିମ୍ପିକ୍ସରେ ୫ ଜଣ ଭାରତୀୟ ମହିଳା କୁସ୍ତିଯୋଦ୍ଧା ଖେଳିବେ। ଯୋଗ୍ୟତା ଅର୍ଜନ କରିଥିବା ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଅନ୍ତିମ ପଙ୍ଘାଲ, ଭିନେଶ ଫୋଗାଟ, ଅଂଶୁ ମଲିକ ଓ ରିତିକା ହୁଡା।

ଏହି ପ୍ରତିଯୋଗିତାରେ ଭାରତର ଗ୍ରୀକ୍-ରୋମାନ କୁସ୍ତିଯୋଦ୍ଧାମାନେ ସମସ୍ତ ୬ଟି ଓଜନ ବର୍ଗରେ ପ୍ରଥମ ରାଉଣ୍ଡରେ ପରାଜିତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିଲେ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ କୋଲକାତା ନାଇଟ୍ ରାଇଡର୍ସଙ୍କୁ ଭେଟିବ। ଆଜି ସନ୍ଧ୍ୟା ସାଢ଼େ ୭ଟାରେ କୋଲକାତାର ଇଡେନ୍ ଗାର୍ଡେନ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ପଏଣ୍ଟ ଟେବୁଲରେ କୋଲକାତା ନାଇଟ୍‌ରାଇଡର୍ସ ୧୬ ପଏଣ୍ଟ ସହ ଶୀର୍ଷରେ ରହିଛି। ମୁମ୍ବାଇ ଦଳ ୮ ପଏଣ୍ଟ ସହ ନବମ ସ୍ଥାନରେ ରହିଛି।